# Akashvani, Sambalpur

## SAMBALPURI NEWS EVENING BULLETIN

## 31 August 2026-7.02- 7.12 pm.

---

୧- ରାଏଜେ ନୂଆଁକରି ହେଇଥିବା ୨୮ ଟା ଏନ୍ଏସିର ଭିନ୍ ଭିନ୍ ଉନ୍ନୟନ୍ କାମ୍ ଲାଗି ୫ ଶହ ୬୦ କୋଟି ଟଙ୍କାର୍ ଖାସ୍ ପେକେଜ୍ ଘୋଷ୍ନା କଲେ ମୁଖ୍ୟମନ୍ତ୍ରୀ ।

- ଶ୍ରେଷ୍ଠ ଟିକସ୍ ଆଦାୟ ପରିଷଦ୍ ଭାବେ ନୂଆପଡ଼ା ବିଜ୍ଞପିତ୍ ଅଂଚଲ୍ ପରିଷଦ୍‌କେ ମିଲ୍‌ଲା ପୁରସ୍କାର୍ ।

୨- ପଂଚାୟତ୍ ଆଉ ପୌର ନିର୍ବାଚନ୍‌କେ ନିର୍ଭୁଲ୍ କର୍‌ବାର୍ ଲାଗି ସାରା ରାଏଜେ ଆଏବା ଅକ୍ଟୋବର୍ ୨୬ ନୁ ମୁଲ୍ ହେବା ସର୍ବେକ୍ଷଣ୍ ।

୩- ପୁରୀ ଶ୍ରୀମନ୍ଦିର୍ ନ ଫେର୍‌ଘାଏ ମୁଲ୍ ହେଲା ରତ୍ନଭଣ୍ଡାର୍ ଅଲଙ୍କାର୍ ଗନ୍‌ତିମନ୍‌ତି ।

ଆଉର୍

୪- ଲଘୁଚାପ୍‌ର ପ୍ରଭାବ୍‌ଥି ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜାଗା ନ ଆଏବା କାଏଲ୍‌ତକ୍ ଜବର୍ ବର୍ଷାର୍ ସମ୍ଭାବନା ।

ସ୍ୱାୟତ ଶାସନ୍ ଦିବସ୍

ସମ୍ବଲପୁର/ ବଲାଙ୍ଗିର୍/ ସୁବର୍ଣ୍ଣପୁର୍/ ନୂଆପଡ଼ା/ ବୌଦ୍ଧ

ଆମ ସହର୍ ଖାଲି ଘର୍ ନୁହେଁ, ଇଟା ହେଉଛେ, ରୋଜ୍‌ଗାର୍, ଉଦ୍ୟମ୍, ଶିକ୍ଷା ଆଉ ସମୃଦ୍ଧିର୍ କେନ୍ଦ୍ର । ଇସବୁକେ ଆମ୍‌କୁ ଏନ୍ତା ଅର୍ଥନୈତିକ୍ କେନ୍ଦ୍ର ଭାବେ ଗଢ଼୍‌ବାର୍‌କେ ହେବା, ଯେନ ଯୁଆନ୍ ପିଢ଼ି ନୂଆଁ ସୁଯୋଗ୍ ପାଏବେ, ଉଦ୍ୟୋଗୀମାନେ ଆଗ୍‌କେ ବଢ଼୍‌ବେ ଆଉ ନୂଆଁ ରୋଜ୍‌ଗାର୍ ତିଆର୍ ହେବା ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଭୁବ୍‌ନେଶ୍ୱର୍ ଓୟୁଏଟି କୃଷି ଶିକ୍ଷା ସଦନ୍ ନ ରାଜ୍ୟସ୍ତରୀୟ ସମାରୋହଥି ମୁଖ୍ୟମନ୍ତ୍ରୀ ଯୋଗ୍ ଦେଇକରି କହିଛନ୍, ସହରାଂଚଲ୍‌ର ବିକାଶକେ ଆହୁରି ତୁର୍‌ତି କର୍‌ବାର୍ ସହେତେ ନାଗରିକ୍‌ମାନ୍‌କୁ ଉନ୍ନତ୍ ଆଉ ସହଜ୍ ପୌର ସେବା ଦେବାର୍ ଉପ୍‌ରେ ସର୍‌କାର୍ ଜୋର୍ ଦଉଛନ୍ । ସହର୍‌ମାନ୍‌କର୍ ଜୀବନ୍ ଧାରଣ୍ ମାନ ଉନ୍ନତ୍ କର୍‌ବାର୍ ଲାଗି ଭିତିଭୂମି ବିକାଶ୍ ଆଉ ଶିଳ୍ପ ପ୍ରତିଷ୍ଠାକେ ତୁର୍‌ତି କରାଯାଉଛେ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ସୁଦୃଢ଼ ଆଉ ସଶକ୍ତ ସ୍ଥାନୀୟ ଶାସନ୍ ବ୍ୟବସ୍ଥା ଜରିଏ ଲୁକ୍‌କର୍ ନିକେ ଉତମ୍ ସେବା ପହଁଚାବାର୍ ସହେତେ ସହରାଂଚଲ୍‌ର ସାମ୍ରଗିକ୍ ବିକାଶ୍‌କେ ଗତି ଦେବାର୍ ସର୍‌କାର୍‌ଙ୍କର୍ ପ୍ରମୁଖ ସଂକଳ୍ପ ଆଏ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ନୂଆଁକରି ହେଇଥିବା ୨୮ ଟା ଏନ୍‌ଏସିର ଭିନ୍ ଭିନ୍ ଭିତିଭୂମି ଉନ୍ନୟନ୍ କାମ୍ ଲାଗି ୫ ଶହ ୬୦ କୋଟି ଟଙ୍କାର୍ ଖାସ୍ ପେକେଜ୍ ଘୋଷ୍‌ନା କରିଛନ୍ । ଫି' ଏନ୍‌ଏସିକେ ୨୦ କୋଟି ଟଙ୍କା ଲେଖା ଯୁଗେଇ ଦିଆଯିବା । ଇଥି ସେ ଇଲାକା ନ ରାସ୍ତା, ଡ୍ରେନ୍, ମାର୍କେଟ୍ ଆଉ ଅଲ୍‌ଗା ଭିତିଭୂମି କାମ୍ କରାଯିବା । ଇତାର୍‌ସହେତେ ୬୨ ଟା ପୌରାଂଚଲ୍ ଲାଗି ୩ ଶହ ୨୩ କୋଟି ଟଙ୍କା ଖର୍ଚ୍ଚାଥି ୫ ଶହ ୯୩ ଟା ପ୍ରକଳ୍ପକେ ମୁଖ୍ୟମନ୍ତ୍ରୀ ଆଏଜ୍ ଶୁଭାରମ୍ଭ କରିଛନ୍ । ଇ ସବୁ ପ୍ରକଳ୍ପ ମୁଖ୍ୟମନ୍ତ୍ରୀ ସହରୀ ବିକାଶ୍ ଯୋଜ୍‌ନାଥି କାର୍ଯ୍ୟକାରୀ ହେବା ।

ଇ ଅବ୍‌ସରେ ନୂଆପଡ଼ା ବିଜ୍ଞପିତ୍ ଅଂଚଲ୍ ପରିଷଦ୍‌କେ ଶ୍ରେଷ୍ଠ ଟିକସ୍ ଆଦାୟ ପରିଷଦ୍ ଭାବେ ୨ କୋଟି ଟଙ୍କାର୍ ଆର୍ଥିକ୍ ପୁରସ୍କାର୍ ଦିଆଯାଇଛେ । ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ନୂଆପଡ଼ା ଏନ୍‌ଏସିକେ ଶ୍ରେଷ୍ଠ ଏନ୍‌ଏସି

ଭାବେ ପୁରସ୍କୃତ୍ କରିଛନ୍ । ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଆଏଜ୍ ସ୍ୱାୟତ ଶାସନ୍ ଦିବସ୍ ପାଲିତ୍ ହେଇଯାଇଛେ ।

ବଲାଙ୍ଗିର୍ ଜିଲ୍ଲା ପାଟ୍ନାଗଡ଼୍ ଗଙ୍ଗାଧର୍ ପାର୍କ ଠାନେ ହେଇଥିବା ସ୍ୱାୟତ ଶାସନ୍ ଦିବସ୍ ସମାରୋହଥି ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଯୋଗ୍ ଦେଇକରି ପାଟ୍ନାଗଡ଼୍ ଏନ୍ଏସି ର ବିକାଶ୍ ଲାଗି ସର୍କାର୍ ପ୍ରତିଶ୍ରୁତିବଦ୍ଧ ବଲି କହିଛନ୍ । ସେନ୍ତା ଜିଲ୍ଲା ନ ନୂଆଁକରି ହେଇଥିବା ଲୁଇସିଂହା ଏନ୍ଏସି ନ ଇ ଅବ୍ସରେ ହେଇଥିବା ସମାରୋହଥି ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ ।

ସମ୍ବଲ୍ପୁର୍ ମହାନଗର୍ ନିଗମ୍ କାର୍ଯ୍ୟାଳୟ ନ ସ୍ୱାୟତ ଶାସନ୍ ଦିବସ୍ ପାଲିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍ଥି ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ ।

କାର୍ଯ୍ୟକ୍ରମ୍ଥି ଜିଲ୍ଲାପାଲ୍ ସିଦ୍ଧେଶ୍ୱର୍ ବଳିରାମ୍ ବୋନ୍ଦର୍ ମହାନଗର୍ ନିଗମ୍ ଆୟୁକ୍ତ ରେହାନ୍ କ୍ଷେତ୍ରୀ ପ୍ରମୁଖ ଯୋଗ୍ ଦେଇକରି ଜିଲ୍ଲା ନ ୨୪ ଘଂଟିଆ ପିଇବାର୍ ପାଏନ୍, ରିଂରୋଡ଼୍ର ଉନ୍ନତି ଆଉ ୧୪ ଶହ ଆବାସ ବାବ୍ଦେ ସୂଚ୍ନା ଦେଇଛନ୍ । ଇ ଅବ୍ସରେ ପି.ଏମ୍.ଏ.ୱାଇ. ମଧୁବାବୁ ପେନ୍ସନ୍ ଆଉ

ପ୍ରଧାନ୍‌ମନ୍ତ୍ରୀ ସ୍ୱନିଧି ହିତାଧିକାରୀମାନ୍‌କୁ ସାହାଜ୍ ବଂଟାଯିବାର୍ ସହେତେ ସଫେଇ କର୍ମଚାରୀମାନ୍‌କୁ ସମ୍ମାନିତ୍ କରାଯାଇଛେ ।

ସୁବର୍ଣ୍ଣପୁର୍ ଜିଲ୍ଲା ତର୍‌ଭା ଆଉ ବିନ୍‌କା ବିଜ୍ଞପିତ୍ ଅଂଚଲ୍ ନ ହେଇଥିବା କାର୍ଯ୍ୟକ୍ରମ୍‌ଥି ବିଦ୍ୟାଳୟ ଆଉ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ସାଂସଦ୍ ସଂଗୀତା କୁମାରୀ ସିଂହଦେଓ ପ୍ରମୁଖ୍ ଯୋଗ୍ ଦେଇକରି ସର୍‌କାର୍‌ଙ୍କର୍ ତର୍‌ଫୁ ସହରାଂଚଲ୍ ବିକାଶ୍‌କେ ନେଇକରି କାର୍ଯ୍ୟକାରୀ ହେଉଥିବା ଭିନ୍ ଭିନ୍ ଯୋଜ୍‌ନା ବାବ୍‌ଦେ କହିଥିଲେ ।

ନୂଆପଡ଼ା ଜିଲ୍ଲାର୍ ଖଡ଼ିଆଲ୍ ଅଗ୍ରସେନ୍ ଧର୍ମଶାଳା ପରିସର୍ ନ ଆଭାସୀ ଜରିଏ ରାଜ୍ୟସ୍ତରୀୟ ସ୍ୱାୟତ ଶାସନ୍ ଦିବସ୍ ପାଲିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଭିଜନ୍ -୨୦୩୬ ଲାଗି ସମ୍‌କର୍ ସହଭାଗିତାଥି ବିକାଶ୍ ପରିକଳ୍ପନା ହେବା ବଲି ଏନ୍‌ଏସି ଅଧ୍ୟକ୍ଷ ଉଜ୍ଜ୍ୱଳ ଗୁପ୍ତା କହିଛନ୍ ।

ବୌଦ୍ଧ ପୌର ପରିଷଦ୍ ତର୍‌ଫୁ ଟାଉନ୍ ହଲ୍ ଠାନେ ସ୍ୱାୟତ୍ ଶାସନ୍ ଦିବସ୍ ପାଲିତ୍ ହେଇଯାଇଛେ । ସର୍‌କାରୀ ଦଲ୍ ମୁଖ୍ୟ ସଚେତକ ଆଉ ବୌଦ୍ଧ ବିଧାୟକ୍ ସରୋଜ୍ କୁମାର୍ ପ୍ରଧାନ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ସହରୀ ବିକାଶ୍‌ଥି ନାଗରିକ୍‌ମାନ୍‌କର୍ ଦାୟିତ୍ୱ ବାବ୍‌ଦେ କହିଥିଲେ ।

ଭୋଟର୍ ତାଲିକା ସଂଶୋଧନ୍ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଏଜେ ଆଏବା ପଂଚାୟତ୍ ଆଉ ପୌର ନିର୍ବାଚନ୍‌କେ ସ୍ୱଚ୍ଛ, ନିର୍ଭୁଲ୍ ଆଉ ବ୍ୟବସ୍ଥିତ୍ କର୍‌ବାର୍ ଲାଗି ରାଜ୍ୟ ନିର୍ବାଚନ୍ ଆୟୋଗଙ୍କର୍ ତର୍‌ଫୁ ଭୋଟର୍ ତାଲିକାଥି ଥିବା ଭୁଲ୍‌କେ ସଂଶୋଧନ୍ ଲକ୍ଷ୍ୟଥି ଖାସ୍ ପାଇଲଟ୍ ସର୍ଭେ ଅଭିଯାନ୍ ମୁଲ୍ ହେବା । ଆଏବା ଅକ୍ଟୋବର୍ ମାସ ୨୬ ତାରିଖ୍‌ନୁ ନଭେମ୍ବର୍ ମାସର୍ ୭ ତାରିଖ୍‌ତକ୍ ସାରା ରାଏଜେ ଇ ସର୍ଭେ କାମ୍ କରାଯିବା । ପହେଲା ଖେପେ ଭୁବ୍‌ନେଶ୍ୱର୍ ମହାନଗର୍ ନିଗମ୍ ବିଏମ୍‌ସି ନ ଆଏବା ୩ ତାରିଖ୍‌ନୁ ଇ ଅଭିଯାନ୍ ମୁଲ୍ ହେବା । ବିଏମ୍‌ସି ଅଧୀନ୍‌ଥି ଥିବା ୩ ଟା ବିଧାନ୍‌ସଭା କ୍ଷେତ୍ର ନ ଆଏବା ୧୧ ତାରିଖ୍‌ତକ୍ ବୁଥ୍ ସ୍ତରୀୟ ଅଧିକାରୀ ବିଏଲ୍‌ଓମାନେ ଘର୍ ଘର୍ ଯାଇକରି ସର୍ଭେ କର୍‌ବେ । ସର୍ଭେ କାମ୍‌ଥି ନିୟୋଜିତ ଅଧିକାରୀ ଆଉ କର୍ମଚାରୀମାନ୍‌କୁ ସଠିକ୍ ତଥ୍ୟ ଦେଇକରି ପୁରା ସହଯୋଗ୍ କର୍‌ବାର୍‌କେ ନିର୍ବାଚନ୍ କମିଶନ୍‌ଙ୍କର୍ କାର୍ଯ୍ୟାଳୟ ତର୍‌ଫୁ ଅନୁରୋଧ୍ କରାଯାଇଛେ ।

ରତ୍ନଭଣ୍ଡାର ଗଣତିମଣତି ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍ ରତ୍ନଭଣ୍ଡାର୍ ଗନ୍‌ତିମନ୍‌ତି କାମ୍ ଆଏଜ୍‌ଠାନୁ ଫେର୍‌ଘାଏ ମୁଲ୍ ହେଇଛେ । ରାଜ୍ୟ ସର୍‌କାର୍‌ଙ୍କର୍ ମାର୍ଗଦର୍ଶିକା ଅନ୍‌ସାରେ ୨ ଦିନ୍ ଧରିକରି ଗନ୍‌ତିମନ୍‌ତି ଚାଲ୍‌ବା ବଲି ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ଇ ପ୍ରକ୍ରିୟା ଚାଲିଥିବାର୍ ବେଲେ ମାହାପୁରୁମାନ୍‌କର୍ ନୀତିକାନ୍ତି ଜାରି ରହେବା । ଉପର୍‌ବେଲା ୪ ବଜେନୁ ସନ୍ଧ୍ୟାଧୂପ ଶେଷ୍ ହେବାର୍‌ତକ୍ ଭିତରକାଠ ପାଶୁ ଦର୍ଶନ୍ ବନ୍ଦ୍ ରହେବା ବଲି ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍‌ଫୁ ସୂଚ୍‌ନା ମିଲିଛେ । ସ୍ନାନଯାତ୍ରା ଆଉ ରଥଯାତ୍ରା ଲାଗି ଭିତର ରତ୍ନଭଣ୍ଡାର୍ ଅଲଙ୍କାର୍ ଗନ୍‌ତିମନ୍‌ତି କାମ୍ ବନ୍ଦ ରହିଥିବାର୍ ବେଲେ ମାହାପୁରୁମାନ୍‌କର୍ ୯ ଟା ଦୁର୍ଲଭ ଶ୍ରୀଅଙ୍ଗ ଲାଗି ଅଲଙ୍କାର୍ ଗନ୍‌ତି କାମ୍‌କେ ରଥଯାତ୍ରା ସମିଆଥି କରାଯାଇଥିଲା । ସବୁ ଅଲଙ୍କାର୍‌ର ଉଜନ୍ ମାପ୍‌ଲା ଉତ୍‌ରୁ ଥ୍ରି-ଡି ଆଉ ଭିଡ଼ିଓଗ୍ରାଫି ସହେତେ ରତ୍ନବିଶାରଦ୍ ମାନେ ମୂଲ୍ୟବାନ୍ ରତ୍ନମାନ୍‌କୁ ଚିହ୍ନଟ୍ କରୁଛନ୍ । ଗରୁଡ଼ସ୍ତମ୍ଭ ପାଶେ ଥିବା ନାଟମଣ୍ଡପ୍ ନ ଆଏଜ୍‌ଠାନୁ ବାତାନୁକୁଳିତ ବ୍ୟବସ୍ଥା ମୁଲ୍ ହେଇଯାଇଛେ । ଭକ୍ତମାନ୍‌କର୍ ଶୃଙ୍ଖଳିତ୍ ଦର୍ଶନ୍ ଲାଗି ଇଟା ବହୁତ୍ ଜରୁରୀ ଥିଲା ବଲି ଶ୍ରୀମନ୍ଦିର୍ ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ କହିଛନ୍ ।

(ଭଏସ୍ ଓଭର୍- ଅରବିନ୍ଦ ପାଢ଼ୀ)

ସମେଟିଭ୍ ଆସେସମେଂଟ ଆର୍ଏନ୍ୟୁ/ ସମ୍ବଲପୁର

ରାଜ୍ୟର୍ ସବୁ ସର୍କାରୀ ଆଉ ସର୍କାରୀ ଅନୁଦାନ୍ ପ୍ରାପ୍ତ ବିଦ୍ୟାଳୟ ନ ୨୦୨୬-୨୭ ଶିକ୍ଷା ବଛର୍ ଲାଗି ଆଏବା ମାସ ୪ ନମ୍ବର୍ ହପ୍ତାଥି ସମେଟିଭ ଆସେସ୍ମେଂଟ୍-୧ ପରୀକ୍ଷା ହେବା । ଶିଶୁବାଟିକା -୩ ନୁ ୮ ଶ୍ରେଣୀତକ୍ ସବୁ ବିଦ୍ୟାଳୟ ନ ଇ ପରୀକ୍ଷା କରାଯିବା । ସମେଟିଭ- ୧ ପରୀକ୍ଷାକେ ଠିକ୍ ସମିଆଥି ପରିଚାଳନା କର୍ବାର୍ ଲାଗି ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ତର୍ଫୁ ସବୁ ଜିଲ୍ଲା ଶିକ୍ଷା ଅଧିକାରୀମାନ୍କୁ ଚିଠି ଜରିଏ ନିର୍ଦ୍ଦେଶ୍ ଦିଆଯାଇଛେ ।

ଆକାଶବାଣୀ ଅଧିକାରୀ ଅବସର ଆର୍ଏନ୍ୟୁ/ସମ୍ବଲପୁର

ଆକାଶବାଣୀ, ସମ୍ବଲପୁର କେନ୍ଦ୍ରର ବରିଷ୍ଠ କିରାଣୀ ଲଳିତା କେର୍କେଟା ଆଏଜ୍ ଚାକିରୀ ନୁ ଅବସର ନେଇଛନ୍ । ଶ୍ରୀମତୀ କେର୍କେଟା ୧୯୯୬ ସାଲ୍ ଫେବୃଆରୀ ମାସେ ଆକାଶ୍ବାଣୀ ଭବାନାପାଟ୍ନା କେନ୍ଦ୍ର ନୁ ତାଙ୍କର୍ ଚାକିରୀ

ଜୀବନ୍ ଆରମ୍ଭ କରିଥିବାର୍ ବେଲେ ୧୯୯୯ ସାଲେ ଆକାଶବାଣୀ ସମ୍ବଲ୍‌ପୁର୍ କେନ୍ଦ୍ର ନ ଯୋଗ୍ ଦେଇଥିଲେ । ଆଏଜ୍ ଆକାଶବାଣୀ ରିକ୍ରିଏସନ୍ କ୍ଲବ୍ ତର୍‌ଫୁ ସମ୍ବଲ୍‌ପୁର୍ କେନ୍ଦ୍ର ନ ତାଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା । ଇଥି କେନ୍ଦ୍ରର୍ ଅଭିଯାନ୍ତ୍ରିକୀ ମୁଖ୍ୟ ସନ୍ତୋଷ୍ କୁମାର୍ ପ୍ରଧାନ୍, କାର୍ଯ୍ୟକ୍ରମ ମୁଖ୍ୟ ମନୀଷ ଭଟ୍ଟାଚାର୍ଯ୍ୟ, ଆଂଚଲିକ୍ ସମ୍ବାଦ ବିଭାଗ୍‌ର ବାର୍ତା ସମ୍ପାଦକ ଅଲୋକ୍ ଚନ୍ଦ୍ର ବାରିକ୍‌ଙ୍କର୍ ସହେତେ କେନ୍ଦ୍ରର୍ ଅଲ୍‌ଗା କର୍ମଚାରୀମାନେ ବିଦାୟକାଳୀନ ସମ୍ବର୍ଦ୍ଧନା ଜନେଇଥିଲେ । ସଭାକେ ରିକ୍ରିଏସନ୍ କ୍ଲବ୍‌ର ସମ୍ପାଦକ କ୍ଷେତ୍ରମଣି ବିଭାର୍ ପରିଚାଲନା କରିଥିଲେ ।

ପ୍ରଗତି -୨୦୨୬ ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍ ଗଙ୍ଗାଧର୍ ମେହେର୍ ଉଚ୍ଚତର ମାଧ୍ୟମିକ୍ ବିଦ୍ୟାଳୟ ପରିସର୍ ନ ସାଥୀ କେନ୍ଦ୍ର ଆଉ ଆଇଆଇଟି କାନ୍‌ପୁର୍‌ର ମିଲିତ୍ ସହଯୋଗ୍‌ଥି ପ୍ରଗତି -୨୦୨୬ କାର୍ଯ୍ୟକ୍ରମ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ମୁଖ୍ୟଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ ଯୋଗ୍ ଦେଇକରି ସାଥୀ ପୋର୍ଟାଲ୍,

କେରିଅର୍ ବିକାଶ୍ ଆଉ ପ୍ରତିଯୋଗିତାମୂଳକ ପରୀକ୍ଷା ପ୍ରସ୍ତୁତି ବାବ୍‌ଦେ ଛାତ୍ରଛାତ୍ରୀମାନ୍‌କୁ ମାର୍ଗଦର୍ଶନ୍ ଦେଇଛନ୍ ।

‘ସମ୍ବନ୍ଧ’ର ଶୁଭାରମ୍ଭ            ଆଇ.ଆଣ୍ଡ୍.ପି.ଆର୍

ରାଏଜେ ସମବାୟ କ୍ଷେତ୍ରର୍ ସମ୍ପ୍ରସାରଣ୍ ଲକ୍ଷ୍ୟ ନେଇକରି ଆଏବା କାଏଲ୍ ହେବାର୍‌କେ ଥିବା ମେଗା ସଦସ୍ୟତା ଅଭିଯାନ୍ ‘ସମ୍ବନ୍ଧ’ର୍ ଶୁଭାରମ୍ଭକେ କିଛି କାରଣ୍ ଲାଗି ସ୍ଥଗିତ୍ ରଖାଯାଇଛେ । ଆଏବା ସମିଆଥି ଇ ସଦସ୍ୟତା ଅଭିଯାନ୍ ମୁଲ୍ ହେବାର୍ ସହେତେ ବହୁତ୍‌ଟେ ଜନକଲ୍ୟାଣ୍‌କାରୀ କାର୍ଯ୍ୟକ୍ରମ୍‌ର ଲୋକାର୍ପଣ୍ ଉତ୍ସବ୍ କରାଯିବା ।

ଓଡ଼ିଶା ଟି-ଟ୍ୱେଂଟି          ଆର୍‌ଏନ୍‌ୟୁ/ ସମ୍ବଲପୁର

କଟକ ବାରବାଟୀ ଷ୍ଟାଡିୟମ୍ ନ ଆଏବା ମାସ ୨୦ ତାରିଖ୍‌ନୁ ଓଡ଼ିଶା ଟି-ଟ୍ୱେଂଟି କ୍ରିକେଟ୍ ଲିଗ୍ ସି.ଏମ୍. ଟ୍ରଫି ୨ ନମ୍ବର୍ ସଂସ୍କରଣ୍ ମୁଲ୍ ହେବା । ଟୁର୍ଣ୍ଣାମେଂଟ୍‌ଥି ୬ ଟା ଦଲ୍ ଭାଗ୍ ନେବେ । ଇ ଲିଗ୍ ଆଏବା ମାସ ୨୯ ତାରିଖ୍‌ତକ୍ ଚାଲ୍‌ବା ।

ଓଡ଼ିଶା ନ କ୍ରିକେଟ୍ ଆଉ ଖେଲ୍ର ବିକାଶ୍ ସହେତେ ପ୍ରୋତ୍ସାହନ୍ ଲାଗି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ନେତୃତ୍ୱଥି ଭିନ୍ ଭିନ୍ ପଦକ୍ଷେପ୍ ନିଆଯାଉଛେ ।

ପାଣିପାଗ ଆର୍ଏନ୍ୟୁ/ ସମ୍ବଲପୁର

ଉତର୍ ବଙ୍ଗୋପ୍ସାଗର୍ ଆଉ ତାକେ ଲାଗି କରି ଥିବା ପଶ୍ଚିମବଙ୍ଗ୍, ବାଂଲାଦେଶ୍ ସମୁଦ୍ରଖଁଡ଼ି ନ ଗୁଟେ ଲଘୁଚାପ୍ କ୍ଷେତ୍ର ବନିଛେ । ଇତାର୍ ପ୍ରଭାବ୍ଥି ଆଏବା କାଏଲ୍ ସଖାଲ୍ତକ୍ ସୁନ୍ଦର୍ଗଡ଼୍ ଆର୍ କେନ୍ଦୁଝର୍ ଜିଲ୍ଲାର୍ ଗୁଟେ କି ଜୁଡ଼େ ଜାଗା ନ ଜବର୍ନୁ ଅତି ଜବର୍ ବର୍ଷା ହେବାର୍ ସମ୍ଭାବନା ଅଛେ ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ସତର୍କ ସୂଚ୍ନା ଜାରି କରାଯାଇଛେ । ଇ ସମିଆଥି ସମ୍ବଲ୍ପୁର୍, ବର୍ଗଡ଼୍, ଝାର୍ସୁଗୁଡ଼ା, ଦେବ୍ଗଡ଼୍, ଅନୁଗୁଲ୍ ଆର୍ ମୟୁର୍ଭଞ୍ଜ୍ ଜିଲ୍ଲା ନ ଅତି ଜବର୍ ବର୍ଷା ହେବାର୍ ସମ୍ଭାବନା ରହିଛେ ।